## ଚୀନ୍ ସହ ସୀମା ବିବାଦ

# ଭାରତକୁ ଆମେରିକା, ଜାପାନ ଓ ଇସ୍ରାଏଲର ସମର୍ଥନ

ନୂଆଦିଲ୍ଲୀ, ୨୯।୬/ଏଜେନ୍ସି : ଭାରତ-ଚୀନ୍ ମଧ୍ୟରେ ସୀମା ବିବାଦ ବୃଦ୍ଧିପାଇବା ପରିପ୍ରେକ୍ଷୀରେ ଭାରତ ପ୍ରତି ବିଶ୍ୱସମୁଦାୟର ସମର୍ଥନ ବୃଦ୍ଧିପାଉଛି । ବିଶେଷକରି ଆମେରିକା, ଜାପାନ, ଇସ୍ରାଏଲ ଭାରତକୁ ଦୃଢ ସମର୍ଥନ ଜଣାଇଛନ୍ତି । ଭାରତର ପୁରୁଣା ବନ୍ଧୁ ରୁଷିଆ ମଧ୍ୟ ଭାରତ ପଛରେ ରହିଛି । ଭାରତ, ଜାପାନ, ଅଷ୍ଟ୍ରେଲିଆ ଓ ଆମେରିକାକୁ ନେଇ ଗଠିତ ସଙ୍ଗଠନ 'କ୍ୱାଡ' ଏବେ ଚୀନ୍ ବିରୁଦ୍ଧରେ ସବୁଠାରୁ ଶକ୍ତିଶାଳୀ ସଙ୍ଗଠନ ଭାବେ ଛିଡ଼ା ହୋଇଛି । ଏହି ସଙ୍ଗଠନ ମାଧ୍ୟମରେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଚୀନର ଦାଦାଗିରିକୁ ଚେକ୍ ଦେବାକୁ ଉଦ୍ୟମ କରାଯାଉଛି । ଆଗାମୀ ଦିନରେ 'କ୍ୱାଡ' ଓ ଚୀନ୍ ମଧ୍ୟରେ ଶୀତଳ ଯୁଦ୍ଧ ଘନେଇବା ଆଶଙ୍କା ରହିଛି । ଚୀନକୁ ରୋକିବାକୁ ଆମେରିକା ଏସିଆରେ ସେନା ମୁତୟନ ପାଇଁ ଯୋଜନା କରୁଛି । ଏହା ସହିତ ଆଉ କେତେକ ଅସ୍ତ୍ରଶସ୍ତ୍ର ଓ ଗୁଇନ୍ଦା ସୂଚନା ଯୋଗାଉଛି ଆମେରିକା । ସେହିପରି ଇସ୍ରାଏଲ ଭାରତକୁ ବାରାକ ମିସାଇଲ ଡିଫେନ୍ସ ସିଷ୍ଟମ ଜରୁରୀକାଳୀନ ଭିତ୍ତିରେ ଯୋଗାଇବାକୁ ରାଜି ହୋଇଛି । ଖୁବ୍‌ଶୀଘ୍ର ଏହା ଭାରତରେ ପହଞ୍ଚିବ । ଶତ୍ରୁପକ୍ଷର ବିମାନ କିମ୍ବା କ୍ଷେପଣାସ୍ତ୍ରକୁ ଆକାଶରେ ନଷ୍ଟ କରିବାକୁ ଏହି ମିସାଇଲ ସିଷ୍ଟମ ସକ୍ଷମ । ଗତ ଶନିବାର ଦିନ ଭାରତ ମହାସାଗରରେ ଜାପାନ ଓ ଭାରତର ନୌସେନା ମିଳିତ ଭାବେ ସମରାଭ୍ୟାସ କରିଛନ୍ତି । ଏଥିରେ ଭାରତୀୟ ନୌସେନାର ଆଇଏନଏସ୍ ରାନା ଓ ଆଇଏନଏସ୍ କୁଲିସ ଯୁଦ୍ଧ ଜାହାଜ ଓ ଜାପାନର ନୌସେନାର ଜେଏସ୍ କାସିମା ଓ ଜେଏସ୍ ସିମାୟୁକି ଯୋଗ ଦେଇଥିଲେ । ଭାରତ ଓ ଜାପାନର ନୌସେନା ପୂର୍ବରୁ ମଧ୍ୟ ଅନେକ ଥର ସମରାଭ୍ୟାସ କରିଥିଲେ ମଧ୍ୟ ଏଥରର ପରିସ୍ଥିତି ଭିନ୍ନ । ସୀମାରେ ଭାରତ ଓ ଚୀନ୍ ସେନା ବିଭିନ୍ନ ଆଧୁନିକ ଯୁଦ୍ଧାସ୍ତ୍ର ସହ ମୁହାଁମୁହିଁ ଅଛନ୍ତି । ସେହିପରି ଜାପାନ ଉପକୂଳରେ ଥିବା ସେନକାକୁ ଦ୍ୱୀପର ମାଲିକାନାକୁ ନେଇ ଚୀନ୍ ଓ ଜାପାନ ମଧ୍ୟରେ ଉତ୍ତେଜନା ବଢିଛି । ଏହାକୁ ଦୃଷ୍ଟିରେ ରଖି ଜାପାନ ସୀମାରେ ନିଜର କ୍ଷେପଣାସ୍ତ୍ର ମୁତୟନ କରିଛି ।

ନିତିଦିନ NITIDIN
Tue, Jun 30, 2020
http://odishanewsnitidin.com